# Akashvani, Sambalpur

## SAMBALPURI NEWS BULLETIN

### 14 July 2024- 6.47- 6.52 am.

***********************************************

ରତ୍ନଭଣ୍ଡାର୍ ଖୁଲ୍‌ବା ଆର୍‌ଏନ୍‌ୟୁ /ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍‌ର ରତ୍ନଭଣ୍ଡାର୍ ଆଏଜ୍ ଖୁଲାଯିବା, ହେଥିର୍‌ଲାଗି ରାଜ୍ୟ ସରକାର୍ ଚୂଡ଼ାନ୍ତ ଏସ୍‌ଓପି ଜାରି କରିଛନ୍ । ଏସ୍‌ଓପି ଆଧାର୍‌ଥି ଭଲ୍ ଲଗନ୍ ଦେଖିକରି ମହାପ୍ରଭୁ, ମା ଲକ୍ଷ୍ମୀ, ଭଣ୍ଡାର୍ ରକ୍ଷକ ପ୍ରଭୁ ଶ୍ରୀ ଲୋକନାଥ, ମା ବିମଳା ଆର୍ ଶ୍ରୀମନ୍ଦିର୍ ବେଢ଼ାଥି ଥିବା ଦେ'ଦେବ୍‌ତାଙ୍କର୍ ପୂଜା ଉତ୍‌ରୁ ରତ୍ନଭଣ୍ଡାର୍ ଖୁଲାଯିବା । ହେଥିର୍‌ଲାଗି ଗଲାକାଏଲ୍ ଡେରିରାତି ରତ୍ନଭଣ୍ଡାର୍ ଯାଂଚ୍ କମିଟିର୍ ଅଧକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ଆର୍ କମିଟିର୍ ସଭ୍ୟମାନେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଆର୍ ଶ୍ରୀମନ୍ଦିର୍‌ର ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ଶ୍ରୀମନ୍ଦିର୍ ନ ଥିତିର୍ ଅନୁଧ୍ୟାନ୍ କରିଛନ୍ । ରତ୍ନଭଣ୍ଡାର୍ ଖୁଲ୍‌ବାର୍‌କେ ସବୁ ବ୍ୟବସ୍ଥାର୍ ଶ୍ରୀମନ୍ଦିର୍‌ର ମୁଖ୍ୟ ପ୍ରଶାସକ ତଦାରଖ୍ କର୍‌ବେ ବଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ୍ କହିଛନ୍ । ସେ କହିଛନ୍

ଯେ, ରତ୍ନଭଣ୍ଡାର୍ ଖୁଲ୍‌ବାର୍ ସମିଆଥି ସବୁ ଦିଗ୍‌କେ ଗୁରୁତ୍ୱ ଦିଆଯିବାର୍ ସଙ୍ଗେ ସତର୍କତା ରଖାଯିବା । ରତ୍ନଭଣ୍ଡାର୍‌ର ଅଳଙ୍କାର୍, ଗଣତି ଆର୍ ମଣତି ପ୍ରକ୍ରିୟାଥି ସ୍ୱଚ୍ଛତା ରଖ୍‌ବାର୍‌କେ ରିଜର୍ଭ ବେଙ୍କ୍ ଅଫ୍ ଇଣ୍ଡିଆର୍ ସାହାଜ୍ ନିଆଯାଇଛେ ବଲି ଆଇନ୍‌ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ରଥ ଦକ୍ଷିଣ ମୋଡ଼ ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର୍ ନ ଆଏଜ୍ ଭକ୍ତମାନେ ମାହାପୁରୁଙ୍କର୍ ଶେଷ ଆଡ଼ପ ଦର୍ଶନ୍ ପାଏବେ । ଆଏଜ୍ ପହପହର୍ ୫ ବଜୁ ଉପର୍‌ବେଲା ୫ ବଜାତକ୍ ଭକ୍ତମାନେ ମାହାପୁରୁମାନ୍‌କର୍ ସନ୍ଧ୍ୟାଦର୍ଶନ୍ କରିପାର୍‌ବେ । ଇତାର୍‌ସଙ୍ଗେ ଆଏବାକାଏଲ୍ ମାହାପୁରୁମାନ୍‌କର୍ ବାହୁଡ଼ା ଯାତ୍ରା ଲାଗି ଡେରିରାତିତକ୍ ସବୁ ନୀତିକାନ୍ତି ଚାଲ୍‌ବା ।

ସେଆଡ଼େ ଆଏଜ୍‌ଠାନୁ ନୀଳାଦ୍ରୀ ବିଜେ ସର୍‌ବାର୍‌ତକ୍ ପୁରୀ ନ ରହେବାର୍‌କେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଆର୍ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିର୍ଦ୍ଦେଶ୍ ଦେଇଛନ୍ । ଆଏଜ୍‌ଠାନୁ ନୀଳାଦ୍ରୀ ବିଜେ ସର୍‌ବାର୍‌ତକ୍

ଶ୍ରୀଗୁଣ୍ଡିଚା ଯାତ୍ରାର୍ ସବୁ ରୀତିନୀତି ଯେନ୍ତା ଠିକ୍ଠାକ୍ ଆର୍ ଶୃଙ୍ଖଲିତ୍ ହେଇପାର୍ବା ଆର୍ ଭକ୍ତମାନେ କେହେନି ପ୍ରକାରର୍ ଅସୁବିଧାଥି ନାଇଁ ପଡ଼ନ୍ ହେଟା ନିଶ୍ଚିତ୍ କର୍ବାର୍କେ ମୁଖ୍ୟମନ୍ତ୍ରୀ ତିନ୍ହି ମନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ ।

ସେନ୍ତା ବାହୁଡ଼ା ଯାତ୍ରାକେ ଶୃଙ୍ଖଲିତ୍ କର୍ବାର୍ ଉପ୍ରେ ଶ୍ରୀମନ୍ଦିର୍ର ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ଯୋର୍ ଦେବାର୍ ସଙ୍ଗେ ରଥ ଉପ୍ରେ ଦର୍କାର୍ନୁ ଅଏତ୍କା ସେବାୟତ୍ ନାଇଁ ରହେବାର୍ ଆଉ ରଥ ଉପର୍କେ ମୋବାଇଲ୍ ନାଇଁ ନେବାର୍କେ ସେ କହିଛନ୍ ।

ପ୍ରଧାନ୍ମନ୍ତ୍ରୀ          ଏନ୍ଏସ୍ଡି

ସମାଜ୍ର ବଂଚିତ୍ ଶ୍ରେଣୀଙ୍କୁ ପ୍ରାଥମିକତା ଦେବାର୍ଟା ଜାତୀୟ ଗଣତାନ୍ତ୍ରିକ ମେଂଟ- ଏନ୍ଡିଏ ସର୍କାର୍ଙ୍କର୍ ବିକାଶ୍ର ମୋଡ୍ଲେ ଆଏ ବଲି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଗଲାକାଏଲ୍ ମୁମ୍ବାଇ ନ ୨୯ ହଜାର୍ ୪ ଶହ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଲୋକାର୍ପଣ୍ ଆର୍ ଶିଳାନ୍ୟାସ୍ କର୍ବାର୍ ଅବ୍ସରେ ଗରିବ୍, ଚାଷୀ, ମହିଳା, ଯୁଆନ୍ ପିଢ଼ିଙ୍କର୍ ସହେତେ ସମାଜ୍ର

ବଂଚିତ୍ ଶ୍ରେଣୀକେ ସଶକ୍ତ କର୍‌ବାର୍‌କେ ଏନ୍‌ଡିଏ ସର୍‌କାର୍ କାମ୍ କରୁଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି          ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବାକାଏଲ୍ ସୋମ୍‌ବାର୍ ଦିନର୍ ୧୧ ବଜେନୁ ଭୁବ୍‌ନେଶ୍ୱର୍‌ର ୟୁନିଟ୍ - ୫ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ଠାନେ ଲୋକ୍‌ମାନ୍‌କର୍‌ନୁ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କର୍‌ବେ । ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଅଭିଯୋଗ୍ ଶୁଣାଣି ଲାଗି ସେଦିନର୍ ସଖାଲର୍ ୮ ବଜେନୁ ମଏଧାନର୍ ୧୨ ବଜେତକ୍ ପଞ୍ଜିକରଣ୍ ହେବା । ଲୁକେ ହେ ସମିଆଥି ଉପସ୍ଥିତ୍ ରହିକରି ନିଜର୍ ଅଭିଯୋଗ୍ ପଞ୍ଜିକରଣ୍ କରେଇକରି ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର୍ ଅଭିଯୋଗ୍ ଜନେଇପାର୍‌ବେ । ପଞ୍ଜିକରଣ୍ ସମିଆଥି ଲୋକ୍‌ମାନ୍‌କୁ ଗୁଟେ ଟୋକନ୍ ଦିଆଯିବା । ସେ ଟୋକନ୍‌ର କ୍ରମିକ ସଂଖ୍ୟା ଅନ୍‌ସାରେ ଲୁକେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିକରି ନିଜର୍ ଅଭିଯୋଗ୍ ଜନାବେ ।

ଆଦର୍ଶ ଏଂଟିରେବିଜ୍ କ୍ଲିନିକ୍          ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ସବୁ ଜିଲ୍ଲା ସଦର୍ ଡାକ୍ତର୍‌ଖାନାମାନ୍‌କୁ ଆଦର୍ଶ ଏଂଟିରେବିଜ୍ କ୍ଲିନିକ୍ ଖୁଲ୍‌ବାର୍‌କେ ରାଜ୍ୟ ସର୍‌କାର୍ ନିଷ୍ପତି ନେଇଛନ୍ । ସ୍ୱାସ୍ଥ୍ୟବିଭାଗ୍ ତର୍‌ଫୁ ମିଳିଥିବା ସୂଚ୍‌ନା ଅନ୍‌ସାରେ ପହେଲା ଖେପେ ୨୦୨୪ -୨୫ ଆର୍ଥିକ୍ ବଛ୍‌ରେ ପଶ୍ଚିମ ଓଡ଼ିଶାର୍ ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍ ଆର୍ କଲାହାଣ୍ଡି ସହେତେ ରାଜ୍ୟର୍ ୧୬ ଟା ଜିଲ୍ଲା ସଦର୍ ଡାକ୍ତର୍‌ଖାନା ନ ଆଦର୍ଶ ଏଂଟିରେବିଜ୍ କ୍ଲିନିକ୍ ଖୁଲାଯିବା । ବାକି ୧୬ ଟା ଜିଲ୍ଲା ସଦର୍ ଡାକ୍ତର୍‌ଖାନା ନ ୨୦୨୪-୨୫ ଆର୍ଥିକ୍ ବଛ୍‌ରେ ଆଦର୍ଶ ଏଂଟିରେବିଜ୍ କ୍ଲିନିକ୍ ଖୁଲାଯିବା । ରାଏଜେ ଜଲାନ୍ତକ ବେମାରି ଗୁଟେ ବଡ଼ ସମସ୍ୟା ହେଇଥିବାର୍‌ନୁ ସର୍‌କାର୍ ଇ ପଦକ୍ଷେପ୍ ନେଇଛନ୍ । ଇତାର୍‌ଛଡ଼ା ଆଏବା ୨୦୩୦ ମସିହାତକ୍ କୁକୁର୍‌ଚବା ନୁ ହଉଥିବା ଜଲାନ୍ତକ ବେମାରୀର୍ ନିରାକରଣ୍ ଲାଗି ଲକ୍ଷ୍ୟ ରଖାଯାଇଛେ ବଲି ସ୍ୱାସ୍ଥ୍ୟବିଭାଗ୍ ତର୍‌ଫୁ କୁହାଯାଇଛେ ।

ମେଡ଼ିକାଲ୍- ଜୁଏ          ଆର୍‌ଏନ୍‌ୟୁ / ସମ୍ବଲପୁର

କଟକ୍‌ର ପୁରୀ ଘାଟ୍ ନ ଥିବା ଗୁଟେ ବେସର୍‌କାରୀ ହାସ୍‌ପାତାଲ୍ ନ ଗଲାକାଏଲ୍ ଜୁଏ ଲାଗିଥିବାର୍ ବେଲେ ୩୨ ଝନ୍ ରୋଗୀଙ୍କର୍ ସହେତେ ୪୦ ଝନ୍‌କୁ ସୁରକ୍ଷିତ୍ ଭାବେ ଉଦ୍ଧାର୍ କରାଯାଇଛେ । ଉଦ୍ଧାର୍ ରୋଗୀମାନ୍‌କର୍ ଭିତ୍‌ରୁ ୧୫ ଝନ୍‌କୁ ଶିଶୁଭବନ୍ ଆର୍ ୧୭ ଝନ୍‌କୁ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ୍ କଲେଜ୍ ଡାକ୍ତର୍‌ଖାନା ନ ଭର୍ତି କରାଯାଇଛେ । ସବୁ ରୋଗୀଙ୍କର୍ ଚିକିତ୍ସା ମାହାଲିଆ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟ- ସ୍ୱାସ୍ଥ୍ୟ ସଚିବ ଆର୍ କଟକ୍ ଜିଲ୍ଲାପାଲ୍‌ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ମୌସୁମୀ ସକ୍ରିୟ ଥିବାର୍ ବେଲେ ଭିନ୍ ଭିନ୍ ଇଲାକା ନ ହଲ୍‌କାନୁ ମଧ୍ୟମ୍ ବର୍ଷା ହେଉଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଆଏବା ୪ ଦିନ୍‌ତକ୍ ରାଏଜେ ବର୍ଷା ଲାଗି ରହେବା । ସେନ୍ତା ଆଏବା କାଏଲ୍ ସଖାଲ୍‌ତକ୍ ପର୍ଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍, କଲାହାଣ୍ଡି ସହେତେ ରାଜ୍ୟର୍ ୧୮ ଟା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ବର୍ଷା ହେଇପାରେ ବଲି

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।